# NATIONAL NEWS BULLETIN (ODIA)

## 11 December - 2024

## Mid Bulletin : 1.50 p.m.

---

# ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀରେ ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪ ପ୍ରଦାନ କରିବେ।

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ ସ୍ମାର୍ଟ ଇଣ୍ଡିଆ ହାକାଥାନ-୨୦୨୪ ଗ୍ରାଣ୍ଡ ଫିନାଲେରେ ଯୁବ ପ୍ରତିଭାଙ୍କ ସହ କରିବେ ଭାବବିନିମୟ।

- ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ଆଜି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଜଣାଇଲେ ଶ୍ରଦ୍ଧାଞ୍ଜଳି।

ଏବଂ

- ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ ଯୋଗୁଁ ରାଜ୍ୟସଭା ଦିନକ ପାଇଁ ଓ ଲୋକସଭା ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ।

## ପ୍ରେଜ୍ - ନ୍ୟାସନାଲ୍ ପଞ୍ଚାୟତ ଆୱାର୍ଡ଼ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪ ପ୍ରଦାନ କରିବେ । ଚଳିତ ବର୍ଷ ବିଭିନ୍ନ ବର୍ଗରେ ଗୋଷ୍ଠୀ ବିକାଶ ଏବଂ ତୃଣମୂଳ ସ୍ତରରେ ସୁଶାସନର ସୁଫଳ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିଥିବା ୪୫ ଜଣ ବ୍ୟକ୍ତିବିଶେଷ ତଥା ପଞ୍ଚାୟତକୁ ଏହି ପୁରସ୍କାର ପ୍ରଦାନ କରାଯିବ । ଏହି ସମାରୋହରେ ପଞ୍ଚାୟତିରାଜ ମନ୍ତ୍ରୀ ପୁରସ୍କୃତ ହୋଇଥିବା ପଞ୍ଚାୟତଗୁଡ଼ିକ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିବା ବିଭିନ୍ନ ଅଭିନବ ଉପାୟକୁ ନେଇ ପ୍ରଣୀତ ପୁସ୍ତିକା ଉନ୍ମୋଚନ କରିବେ । ପଞ୍ଚାୟତିରାଜ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଏହି ପୁରସ୍କାର ମାଧ୍ୟମରେ ଗ୍ରାମାଞ୍ଚଳ ଭାରତର ବିକାଶ ଦିଗରେ ଅଭିନବ ଉପାୟ ଆପଣେଇବା ଲାଗି ପଞ୍ଚାୟତଗୁଡ଼ିକୁ ପ୍ରେରଣା ମିଳିବ ।

## ସ୍ମାର୍ଟ ଇଣ୍ଡିଆ ହାକାଥନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଅପରାହ୍ନ ୪ଟା ୩୦ ମିନିଟ୍‌ରେ ସ୍ମାର୍ଟ ଇଣ୍ଡିଆ ହାକାଥନ-୨୦୨୪ ଗ୍ରାଣ୍ଡ ଫିନାଲେରେ ଯୁବ ପ୍ରତିଭାମାନଙ୍କ ସହିତ ଭାବବିନିମୟ କରିବେ । ଶ୍ରୀ ମୋଦି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି ସମାବେଶକୁ ସମ୍ବୋଧିତ କରିବେ । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ହାକାଥନର ସପ୍ତମ ସଂସ୍କରଣର ଗ୍ରାଣ୍ଡ୍ ଫିନାଲେକୁ ଆଭାସୀ ମାଧ୍ୟମରେ ଆଜି ସକାଳେ ଶୁଭାରମ୍ଭ କରିଛନ୍ତି । ଏଥିରେ ୧୩ ଶହରୁ ଅଧିକ ଛାତ୍ରଛାତ୍ରୀଙ୍କ ଦଳ ଅଂଶଗ୍ରହଣ କହିଛନ୍ତି ।

ସାମାଜିକ ଗଣମାଧ୍ୟମରେ ଏକ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି, ସେ ଏଭଳି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଇଚ୍ଛୁକ ଅଛନ୍ତି। ଏହି ହାକାଥନ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଦୈନନ୍ଦିନ ଜୀବନରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ କରିବାର ଅଭିନବ ଉପାୟ ବତାଇଥାନ୍ତି । ଚଳିତ ବର୍ଷ ୫୪ଟି ମନ୍ତ୍ରଣାଳୟ, ବିଭାଗ, ରାଜ୍ୟ ସରକାର ଓ ଶିକ୍ଷାନୁଷ୍ଠାନଗୁଡ଼ିକ ପକ୍ଷରୁ ୨୫୦ରୁ ଅଧିକ ସମସ୍ୟା ଉପସ୍ଥାପନ କରାଯାଇଛି । ଏଥିରେ ଅଂଶଗ୍ରହଣ କରୁଥିବା ଛାତ୍ରଛାତ୍ରୀ ନିଜର ବୁଦ୍ଧିମତ୍ତା ପ୍ରୟୋଗ କରି ଏହିସବୁ ସମସ୍ୟାର ସମାଧାନ କରିବେ ।

## ପିଏମ୍- ସୁବ୍ରମଣ୍ୟ ଭାରତୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାମିଲ କବି ତଥା ସ୍ୱାଧୀନତା ସଂଗ୍ରାମୀ ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସୁବ୍ରମଣ୍ୟମ ଭାରତୀ ଜଣେ ଦୂରଦର୍ଶୀ କବି, ଲେଖକ, ଚିନ୍ତକ, ସ୍ୱାଧୀନତା ସଂଗ୍ରାମୀ ଏବଂ ସମାଜ ସଂସ୍କାରକ ଥିଲେ। ତାଙ୍କ କଥା ଅଗଣିତ ଲୋକଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରୁଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି। ସମାନତା ଏବଂ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଶ୍ରୀ ଭାରତୀଙ୍କ ପ୍ରଗତିଶୀଳ ଆଦର୍ଶ ମଧ୍ୟ ପ୍ରେରଣାଦାୟକ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ପିଏମ୍-ପ୍ରଣବ ମୁଖାର୍ଜୀ

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ଜୟନ୍ତୀ ଅବସରରେ ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ସାମାଜିକ ଗଣମାଧ୍ୟମରେ ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ କହିଛନ୍ତି, ପ୍ରଣବ ମୁଖାର୍ଜୀ ଜଣେ ଦୟାଳୁ ବ୍ୟକ୍ତିତ୍ୱ, ରାଜନେତା ଓ ଦକ୍ଷ ପ୍ରଶାସକ ଥିଲେ। ଭାରତର ବିକାଶରେ ତାଙ୍କର ଅବଦାନ ଉଲ୍ଲେଖନୀୟ ବୋଲି ସେ କହିଛନ୍ତି। ପ୍ରଣବ ମୁଖାର୍ଜୀଙ୍କୁ ସବୁ କ୍ଷେତ୍ରରେ ସହମତି ସୃଷ୍ଟି କରିବାର ଅନନ୍ୟ ଦକ୍ଷତା ରହିଥିଲା। ଦେଶ ପାଇଁ ତାଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରୟାସ ଜାରି ରହିବ ବୋଲି ସେ କହିଛନ୍ତି।

ପ୍ରଣବ ମୁଖାର୍ଜୀ ଦେଶର ପ୍ରଶାସନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି।

## ପିଏମ୍- ଗୀତା ଜୟନ୍ତୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୀତା ଜୟନ୍ତୀ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମରେ ଏକ ବାର୍ତ୍ତାରେ ଶ୍ରୀ ମୋଦୀ କହିଛନ୍ତି, ଏହି ପବିତ୍ର ପର୍ବ ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା ଏବଂ ପରମ୍ପରାକୁ ମାର୍ଗଦର୍ଶନ କରୁଥିବା ଭଗ୍‌ବତ ଗୀତାର ଜନ୍ମ ଦିବସ ଭାବରେ ପାଳନ କରାଯାଏ । ପ୍ରଧାନମନ୍ତ୍ରୀ ଭଗବାନ ଶ୍ରୀକୃଷ୍ଣଙ୍କୁ ସ୍ମରଣ କରିବା ସହ ଭଗ୍‌ବତ ଗୀତା ସମସ୍ତଙ୍କୁ କର୍ମଯୋଗର ମାର୍ଗଦର୍ଶନ କରୁ ବୋଲି ଆଶା କରିଛନ୍ତି।

## ସଂସଦ- ମୁଲତବୀ

ସଂସଦର ଉଭୟ ଗୃହରେ ଗତକାଲି ଭଳି ଆଜି ମଧ୍ୟ ବିଭିନ୍ନ ପ୍ରସଙ୍ଗ ନେଇ ଶାସକ ଓ ବିରୋଧୀ ଦଳର ସଦସ୍ୟଙ୍କ ମଧ୍ୟରେ ଆରୋପ ଓ

ପ୍ରତ୍ୟାରୋପ ଜାରି ରହିଥିଲା । ରାଜ୍ୟସଭାକୁ ଆଜି ଦିନକ ପାଇଁ ମୁଲତବୀ ରଖାଯାଇଥିବା ବେଳେ ଲୋକସଭାକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

ରାଜ୍ୟସଭା ପ୍ରଥମ ପର୍ଯ୍ୟାୟ ମୁଲତବୀ ପରେ ପୂର୍ବାହ୍ନ ୧୨ଟାରେ ପୁନର୍ବାର ଆରମ୍ଭ ହେବା କ୍ଷଣି କେନ୍ଦ୍ରମନ୍ତ୍ରୀ ଜେ.ପି ନଡ୍ଡା ଆମେରିକାଭିତ୍ତିକ ଜର୍ଜ ସୋରୋସ୍ ଫାଉଣ୍ଡେସନ ସହ କଂଗ୍ରେସ ନେତାଙ୍କ ସମ୍ପର୍କ ପ୍ରସଙ୍ଗକୁ ନେଇ ଗୃହରେ ଆଲୋଚନା ଦାବି କରିଥିଲେ । ଏହା ଦେଶର ସାର୍ବଭୌମତ୍ୱ ଓ ନିରାପତ୍ତା ପ୍ରତି ଗୁରୁତର ବିପଦ ସୃଷ୍ଟି କରିଛି ବୋଲି ଶ୍ରୀ ନଡ୍ଡା କହିଥିଲେ । ଏହି ପ୍ରସଙ୍ଗରୁ ଲୋକଙ୍କ ଦୃଷ୍ଟି ହଟାଇବା ଉଦ୍ଦେଶ୍ୟରେ କଂଗ୍ରେସ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିବା ସେ ଅଭିଯୋଗ କରିଥିଲେ । ବିରୋଧୀ ଦଳର ଏହି ଉଦ୍ୟମକୁ ସମସ୍ତେ ନିନ୍ଦା କରିବା ଆବଶ୍ୟକ ସେ କହିଥିଲେ । ଶ୍ରୀ ନଡ୍ଡା କହିଥିଲେ, ଯେଉଁମାନେ ସାମ୍ବିଧାନିକ ପଦବୀରେ ରହିଛନ୍ତି, ସେମାନଙ୍କୁ କଂଗ୍ରେସ କେବେ ସମ୍ମାନ ଦେଇନାହିଁ । ଉପାଧ୍ୟକ୍ଷ ହରିବଂଶ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରୁଥିବା ସଦସ୍ୟମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ କରିବାକୁ  ଅନୁରୋଧ କରିଥିଲେ । କିନ୍ତୁ ଗୃହ ସ୍ୱାଭାବିକ ନ ହେବାରୁ ଉପାଧ୍ୟକ୍ଷ ଗୃହକୁ ଆଜି ଦିନକ ପାଇଁ ମୁଲତବୀ ରଖିଥିଲେ ।

ଆଜି ସକାଳେ ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ଅଧ୍ୟକ୍ଷ ଜଗଦୀପ ଧନଖଡ଼ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ସଦସ୍ୟଙ୍କ ଦ୍ୱାରା ଆଗତ ମୁଲତବୀ ନୋଟିସକୁ ପ୍ରତ୍ୟାଖ୍ୟାନ କରିଥିଲେ । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ରାଜ୍ୟସଭା ଅଧ୍ୟକ୍ଷଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଅଣାଯାଇଥିବାରୁ ସେ ବିରୋଧୀଙ୍କୁ ନିନ୍ଦା କରିଥିଲେ। ଏଥିପାଇଁ କଂଗ୍ରେସ କ୍ଷମା ମାଗିବା ଦରକାର ଓ ଅଧ୍ୟକ୍ଷଙ୍କ ଭାବମୂର୍ତ୍ତିକୁ ମଳିନ କରିବା ପାଇଁ ଯେଉଁ ସବୁ ପ୍ରୟାସ କରାଯାଉଛି ତାହାକୁ ସରକାର ପଣ୍ଡ କରିଦେବେ ବୋଲି ସେ କହିଥିଲେ।

ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ଅବଦାନକୁ ପ୍ରଶଂସା କରି ଶ୍ରୀ ରିଜିଜୁ କହିଛନ୍ତି, ଉପରାଷ୍ଟ୍ରପତି ସର୍ବଦା ଭାରତୀୟ ସମ୍ବିଧାନର ମୂଲ୍ୟବୋଧକୁ ବଜାୟ ରଖିଛନ୍ତି ଏବଂ ତାଙ୍କ ପଦକୁ ସମ୍ମାନ ଦେବା ଉଚିତ୍ । ଆମେରିକାର ଜର୍ଜ ସୋରୋସ୍ ଫାଉଣ୍ଡେସନ ସହ କଂଗ୍ରେସ ନେତାଙ୍କ ସମ୍ପୃକ୍ତି ପ୍ରସଙ୍ଗ ଉଠାଇ ଶ୍ରୀ ରିଜିଜୁ ପୁଣି ଥରେ ଦେଶର ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ କରୁଥିବା ଅଭିଯୋଗ କରିଥିଲେ। ସେ କହିଛନ୍ତି, କଂଗ୍ରେସ ଏହି ପ୍ରସଙ୍ଗରେ ସ୍ପଷ୍ଟ ହେବା ଦରକାର। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେ.ଡି.ଏସ୍ ସାଂସଦ ଏଚ୍.ଡି ଦେବେଗୌଡ଼ା ମଧ୍ୟ ଗୃହରେ ବିରୋଧୀଙ୍କ ଆଚରଣକୁ ସମାଲୋଚନା କରିଛନ୍ତି। ଅନ୍ୟପକ୍ଷରେ ଶ୍ରୀ ରିଜିଜୁଙ୍କ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରି କଂଗ୍ରେସ ନେତା ପ୍ରମୋଦ ତିୱାରୀ କହିଛନ୍ତି, ସେମାନେ ସମ୍ବିଧାନରେ ବିଶ୍ୱାସ କରନ୍ତି। ଏନ୍‌ଡିଏ ସରକାର ସମ୍ବିଧାନରେ ପରିବର୍ତ୍ତନ ଆଣିବାକୁ ଉଦ୍ୟମ କରୁଥିବା ସେ ଅଭିଯୋଗ କରିଛନ୍ତି।

ଲୋକସଭାର ପ୍ରଥମାର୍ଦ୍ଧରେ ସୁରୁଖୁରୁରେ ପ୍ରଶ୍ନକାଳ ଚାଲିଥିବା ବେଳେ ପରେ ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ମାନେ ହଟ୍ଟଗୋଳ ସୃଷ୍ଟି କରିଥିଲେ। କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ ମଣିପୁରରେ ବିଗୁଡୁଥିବା ଆଇନ ଶୃଙ୍ଖଳା ପରିସ୍ଥିତିକୁ ଅଭିଯୋଗ କରିବା ପରେ ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଦେଶର ଆଭ୍ୟନ୍ତରୀଣ ବିଶୃଙ୍ଖଳା ପାଇଁ କଂଗ୍ରେସ ଦାୟୀ ବୋଲି ମନ୍ତବ୍ୟ ଦେଇଥିଲେ। ସେ କହିଥିଲେ,

କଂଗ୍ରେସ ବିଦେଶୀ ଶକ୍ତିଙ୍କ ସହ ସମ୍ପର୍କ ରଖି ଦେଶରେ ଅରାଜକତା ସୃଷ୍ଟି କରୁଛି। ସେ କହିଛନ୍ତି, ମଣିପୁର ପ୍ରସଙ୍ଗକୁ ସରକାର ପ୍ରାଥମିକତା ଭିତ୍ତିରେ ମୁକାବିଲା କରିଛନ୍ତି। ଆମେରିକାର ଜର୍ଜ ସୋରୋସ୍ ଫାଉଣ୍ଡେସନ ସହ କଂଗ୍ରେସ ନେତାଙ୍କ ସମ୍ପୃକ୍ତି ପ୍ରସଙ୍ଗରେ ଶ୍ରୀ ଗୋୟଲ ପ୍ରଶ୍ନ କରିଥିଲେ। ବାଚସ୍ପତି ସଦସ୍ୟମାନଙ୍କୁ ଗୃହକାର୍ଯ୍ୟରେ ସହଯୋଗ କରିବାକୁ ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ଏଥିପ୍ରତି ଦୃଷ୍ଟି ଦେଇନ ଥିଲେ। ଫଳରେ ବାଚସ୍ପତି ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

## ଏଲ୍‌ଏସ୍- ବୈଷ୍ଣବ ଏଆଇ

କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଯଦି ଗୃହରେ ସହମତି ହୁଏ ତେବେ କୃତ୍ରିମ ବୁଦ୍ଧିମତା (ଏଆଇ) କୁ ନିୟନ୍ତ୍ରଣ କରିବା ପାଇଁ ସରକାର ଏକ ଆଇନ ପ୍ରଣୟନ କରିବାକୁ ପ୍ରସ୍ତୁତ ଅଛନ୍ତି। ଲୋକସଭାରେ ଆଜି ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଅଭିବ୍ୟକ୍ତି ସ୍ୱାଧୀନତା ଏବଂ ନୈତିକତା ଆଧାରିତ ଏ.ଆଇ ଉପରେ ଆଇନଗତ ଢାଞ୍ଚା ମଧ୍ୟରେ ସନ୍ତୁଳନ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ମୋଦି ସରକାର ପ୍ରଯୁକ୍ତିବିଦ୍ୟା ଗଣତାନ୍ତ୍ରିକୀକରଣ ଉପରେ ବିଶ୍ୱାସ କରନ୍ତି ଏବଂ ଗରିବରୁ ଗରିବ ଲୋକଙ୍କ ନିକଟରେ ପ୍ରଯୁକ୍ତିବିଦ୍ୟାକୁ ପହଁଞ୍ଚାଇପାରିଛନ୍ତି। ସେ କହିଛନ୍ତି, ଦେଶରେ ଏକ ବ୍ୟାପକ ଭାରତ ଏ.ଆଇ ମିଶନ ଆରମ୍ଭ କରାଯାଇଛି । ଏହାର ୭ଟି ସ୍ତମ୍ଭ ରହିଛି, ଯେଉଁଥିରେ ଏ.ଆଇ କମ୍ପ୍ୟୁଟ ସୁବିଧା ପ୍ରଦାନ, ଦକ୍ଷତା ଢାଞ୍ଚା, ଷ୍ଟାର୍ଟ-ଅପ୍ ଫାଇନାନ୍ସିଂ, ନବସୃଜନ କେନ୍ଦ୍ର, ଡାଟାସେଟ୍ ପ୍ଲାଟଫର୍ମ ସୃଷ୍ଟି ଏବଂ ନୂତନ ଆପ୍ଲିକେସନ୍ ସୃଷ୍ଟି କରିବା। ଏ.ଆଇ ଫ୍ୟୁଚର ସ୍କିଲ୍

ପ୍ଲାଟଫର୍ମରେ ୮ ଲକ୍ଷ ୬୦ ହଜାର ଲୋକ ନାମ ଲେଖାଇଛନ୍ତି ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି। ଏହି କ୍ଷେତ୍ର ପାଇଁ ଉପଯୋଗୀ ପ୍ରଶିକ୍ଷଣ ପ୍ରଦାନ କରୁଥିବା ଶିଳ୍ପ ସହ ମିଳିତ ଭାବେ ଏହି ପ୍ଲାଟଫର୍ମ ସୃଷ୍ଟି କରାଯାଇଛି ବୋଲି ସେ କହିଛନ୍ତି।

## ୟୁଏସ୍- ସିରିଆ

ମିଳିତ ଜାତିସଂଘର ମହାସଚିବ ଷ୍ଟିଫେନ୍ ଦୁଜାରିକ୍‌ଙ୍କ ମୁଖପାତ୍ର କହିଛନ୍ତି, ସିରିଆର ଆଞ୍ଚଳିକ ଅଖଣ୍ଡତା ଉଲ୍ଲଂଘନ ବିରୋଧରେ ଜାତିସଂଘ ଛିଡ଼ା ହୋଇଛି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ- ଆଇ.ଡି.ଏଫ ପକ୍ଷରୁ ସିରିଆର ବଶର ଅଲ-ଅସଦ ସରକାରର ପତନ ପରେ ଗୋଲାନ୍ ହାଇଟ୍ସରେ ଏକ ବଫର ଜୋନ୍ ଦଖଲ କରିବା ପରେ ଏହି ବୟାନ ଦିଆଯାଇଛି। ଗଣମାଧ୍ୟମକୁ ସୂଚନା ଦେଇ ମୁଖପାତ୍ର କହିଛନ୍ତି, ବଫର ଜୋନରେ ଆଇ.ଡି.ଏଫ ଦଖଲ ପରେ ସମ୍ପୃକ୍ତ ଚୁକ୍ତିର ଉଲ୍ଲଂଘନ ବିଷୟରେ ଜାତିସଂଘ ଅବଗତ ଅଛି। ସେ କହିଛନ୍ତି, ବର୍ତ୍ତମାନ ସ୍ଥିତିରେ ପଡ଼ୋଶୀମାନେ ସିରିଆ ଅଞ୍ଚଳକୁ ଦଖଲ କରିବା ଉଚିତ୍ ନୁହେଁ। ଅନ୍ୟପକ୍ଷରେ ସିରିଆ ପାଇଁ ଜାତିସଂଘ ମହାସଚିବଙ୍କ ସ୍ୱତନ୍ତ୍ର ଦୂତ ଗିର୍ ପେଡର୍ସନ୍ ପଶ୍ଚିମ ଏସିଆରେ ସମସ୍ତ ସଂଘର୍ଷକୁ ବନ୍ଦ କରିବାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛନ୍ତି।